SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ଫେବୃୟାରୀ - ୨୦୨୨ FEBRUARY - 2022

## ଶ୍ରୀମନ୍ଦିରରେ ଶିବରାତ୍ରି

ଭଗବାନ ଶିବଙ୍କର ଅତି ପ୍ରିୟ ରାତ୍ରିକୁ ଶିବରାତ୍ରି କୁହାଯାଏ । ଯାହା ଫାଲଗୁନ୍ କୃଷ୍ଣ ଚ଼ତୁର୍ଦ୍ଦଶୀ ରାତ୍ରିରେ ପାଳନ କରାଯାଏ । ଈଶାନ ସଂହିତା ଅନୁସାରେ ଏହି ତିଥିରେ ଭଗବାନ୍ ଶ୍ରୀଶିବ କୋଟି ସୂର୍ଯ୍ୟ ସମାନ ପ୍ରଭା ବିଶିଷ୍ଟ ଲିଙ୍ଗ ରୂପରେ ପ୍ରକଟିତ ହୋଇଥିଲେ । ତେଣୁ ଏହା ଜ୍ୟୋତିର୍ଲିଙ୍ଗ ଆବିର୍ଭାବର ପର୍ବ ଅଟେ ।

ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶ୍ୟାମାଦିଦେବୋ ମହାନିଶି ।
ଶିବଲିଙ୍ଗତୟୋଦ୍ଭୂତଃ କୋଟିସୂର୍ଯ୍ୟ ସମପ୍ରଭଃ ॥

ଯେତେବେଳେ ସ୍ୱାମୀତ୍ୱକୁ ନେଇ ଶ୍ରୀବ୍ରହ୍ମା ଓ ଶ୍ରୀବିଷ୍ଣୁଙ୍କ ମଧ୍ୟରେ ବିବାଦ ହୋଇଥିଲା, ସେତେବେଳେ ଭଗବାନ ଶଙ୍କର ସହସା ଦୁହିଁଙ୍କ ମଧ୍ୟରେ ଅନାଦି, ଅନନ୍ତ ଜ୍ୟୋତିର୍ମୟ ସ୍ତମ୍ଭ ରୂପରେ ପଦ୍ମକଳ୍ପର ପ୍ରାରମ୍ଭରେ ଆବିର୍ଭୂତ ହୋଇଥିଲେ । ସେହି ଲିଙ୍ଗ ନିଷ୍କଳ, ନିରାକାର ବ୍ରହ୍ମଙ୍କର ପ୍ରତୀକ ଥିଲେ । ଶ୍ରୀ ବିଷ୍ଣୁ ଓ ଶ୍ରୀ ବ୍ରହ୍ମା ତାଙ୍କର ଆଦି ଅନ୍ତ ନପାଇ ତାଙ୍କୁ ପୂଜା କରିଥିଲେ । ସେହି ସମୟରୁ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଲିଙ୍ଗ ପୂଜାର ପରମ୍ପରା ରହି ଆସିଅଛି । ନିରାକାର ରୂପରୁ ସାକାର ରୂପରେ ଦିବ୍ୟ ଅବତରଣର ରାତ୍ରି ହିଁ ମହାଶିବରାତ୍ରି ଅଟେ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଚନ୍ଦ୍ରମା ସୂର୍ଯ୍ୟଙ୍କର ସମୀପସ୍ଥ ହୁଅନ୍ତି । ଅତଏବ ସେ ସମୟରେ ଜୀବନରୂପୀ ଚନ୍ଦ୍ରମାଙ୍କ ସହ ଶିବରୂପୀ ସୂର୍ଯ୍ୟଙ୍କ ସହ ଯୋଗମିଳନ ହୁଏ । ଉକ୍ତ ତିଥିରେ ଶିବ ପୂଜନ ଦ୍ୱାରା ଅଭୀଷ୍ଟତମ ପଦାର୍ଥର ପ୍ରାପ୍ତି ହୁଏ । ଏହା ଶିବରାତ୍ରିର ରହସ୍ୟ ଅଟେ । ଚତୁର୍ଦ୍ଦଶୀ ତିଥିର ସ୍ୱାମୀ ଶିବ ହୋଇଥିବାରୁ ଏହି ତିଥିରେ ବ୍ରତ କଲେ ଶିବଙ୍କର ବିଶେଷ କୃପା ପ୍ରାପ୍ତ ହୁଏ । ଅନ୍ୟ ଦେବତାଙ୍କର ପୂଜନ ବ୍ରତ ପ୍ରାୟଶଃ ଦିନରେ ହେଉଥିବାବେଳେ ଶଙ୍କରଙ୍କ ରାତ୍ରି ଅତ୍ୟନ୍ତ ପ୍ରିୟ ଅଟେ, କାରଣ ଶଙ୍କର ସଂହାର ଶକ୍ତି ଏବଂ ତମୋଗୁଣର ଅଧିଷ୍ଠାତା ହୋଇଥିବାରୁ ତମୋମୟୀ ରାତ୍ରି ସହ ତାଙ୍କର ଘନିଷ୍ଠତା ସ୍ୱାଭାବିକ ଅଟେ । ରାତ୍ରି ସଂହାର କାଳର ପ୍ରତିନିଧି, ତା'ର ଆଗମନରେ ସର୍ବ ପ୍ରଥମ ଆଲୋକର ସଂହାର, ଜୀବମାନଙ୍କର କର୍ମ ଚେଷ୍ଟାର ସଂହାର ଏବଂ ଶେଷରେ ନିଦ୍ରା ଦ୍ୱାରା ଚେତନାର ସଂହାର ହୋଇ ସମ୍ପୂର୍ଣ୍ଣ ସଂହାରିଣୀ ଶକ୍ତି ରାତ୍ରି କ୍ରୋଡ଼ରେ ଅଚେତନ ହୋଇ ପଡ଼ିଯାଏ, ଏପରି ଦଶାରେ ପ୍ରାକୃତିକ ଦୃଷ୍ଟିରେ ଶିବଙ୍କର ରାତ୍ରି ପ୍ରିୟ ହେବା ସମୀଚୀନ । ଯେପରି ଅମାବାସ୍ୟାର ଦୁଷ୍ପ୍ରଭାବରୁ ରକ୍ଷା ନିମିତ୍ତ ତାର ପୂର୍ବ ଚତୁର୍ଦ୍ଦଶୀରେ ଉପାସନା କରାଯାଏ, ସେହିପରି କ୍ଷୟ ପ୍ରାପ୍ତ ହେଉଥିବା ବର୍ଷର ଅନ୍ତିମ ମାସ ଚୈତ୍ରର ଠିକ୍ ଏକମାସ ପୂର୍ବରୁ ଫାଲଗୁନରେ ହିଁ ଏହାର ବିଧାନ ଯୁକ୍ତି ସଙ୍ଗତ ଅଟେ । ରୁଦ୍ର ଏକାଦଶ ସଂଖ୍ୟାତ୍ମକ ହେବା ଯୋଗୁଁ ଏକାଦଶ ମାସ ଫାଲ୍‌ଗୁନ ମାସରେ ଏହି ପର୍ବ ହେବା ଶାସ୍ତ୍ର ସମ୍ମତ । ରାତ୍ରି ପ୍ରିୟ ଶିବଙ୍କର ପ୍ରସନ୍ନତା ନିମିତ୍ତ ବ୍ରତ ଉପବାସପୂର୍ବକ ରାତ୍ରି ଜାଗରଣ କରାଯାଏ । ଋଷି, ମହର୍ଷିମାନଙ୍କ ଅନୁଷ୍ଠାନରେ ଉପବାସ ମହତ୍ତ୍ୱପୂର୍ଣ୍ଣ ଅଟେ । ଗୀତା (୨/୫୯)ର ଉକ୍ତି 'ବିଷୟା ବିନିବର୍ତନ୍ତେ ନିରାହାରସ୍ୟ ଦେହିନଃ' ଅନୁସାରେ ଉପବାସ ବିଷୟ-ନିବୃତ୍ତିର ଅବ୍ୟର୍ଥ ସାଧନ ଅଟେ । ଉପବାସ ସହ ରାତ୍ରି ଜାଗରଣର ମହତ୍ତ୍ୱ ବିଷୟରେ ଗୀତା (୨/୬୯)ର କଥନ 'ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତି ସଂଯମୀ'- ଉପବାସାଦି ଦ୍ୱାରା ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରିବାକୁ ସଂଯମୀ ବ୍ୟକ୍ତି ରାତ୍ରିରେ ଉଜାଗର ରହି ନିଜର ଲକ୍ଷ୍ୟ ପ୍ରାପ୍ତି ନିମିତ୍ତ ପ୍ରଯତ୍ନଶୀଳ ହୁଏ ।



ଦିନରେ ଯଦ୍ୟପି ଜଗଦାତ୍ମା ସୂର୍ଯ୍ୟଙ୍କର ସ୍ଥିତିରେ ଆତ୍ମତତ୍ତ୍ୱର ଜାଗରୂକତା ଯୋଗୁଁ ତାମସୀ ଶକ୍ତି ସମୂହ ନିଜର ବିଶେଷ ପ୍ରଭାବ ପକାଇ ପାରନ୍ତି ନାହିଁ କିନ୍ତୁ ଚନ୍ଦ୍ରବିହୀନ ଅନ୍ଧକାରମୟୀ ରାତ୍ରିର ଆଗମନ ସହ ସେମାନେ ନିଜର ପ୍ରଭାବ ବିସ୍ତାର କରିଥାନ୍ତି । ତେଣୁ ସମ୍ପୂର୍ଣ୍ଣ ତାମସୀ ବୃତ୍ତିର ଉପଶମନାର୍ଥ ଭକ୍ତ ତାମସୀ ବୃତ୍ତିଗୁଡ଼ିକର ଏକମାତ୍ର ଅଧିଷ୍ଠାତା ଭଗବାନ ଆଶୁତୋଷଙ୍କ ଆରାଧନା କରିବାର ବିଧାନ ଅଛି । ଏହା ହିଁ କୃଷ୍ଣ ଚ଼ତୁର୍ଦ୍ଦଶୀ ରାତ୍ରିରେ ଶିବାରାଧନାର ରହସ୍ୟ ଅଟେ ।

ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ (୪/୫୫)ରେ ଉଲ୍ଲେଖ ଅଛି ଯେ ଧାମେଶ୍ୱର ଶ୍ରୀଜଗନ୍ନାଥ ଅଷ୍ଟ ପ୍ରକାରରେ ବିଭକ୍ତ ରୁଦ୍ରଙ୍କୁ କ୍ଷେତ୍ରର ସବୁ ଦିଗରେ ସ୍ଥାପନ କରି ସ୍ୱୟଂ ମଧ୍ୟ ଭାଗରେ ଅବସ୍ଥାନ କଲେ । ସେମାନେ ହେଲେ କପାଳମୋଚନ, କ୍ଷେତ୍ରପାଳ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ଈଶାନେଶ୍ୱର, ବିଶ୍ୱେଶ୍ୱର, ନୀଳକଣ୍ଠ ଓ ବଟେଶ୍ୱର । ପୁନଃ ପଞ୍ଚ ମହାଦେବ ପଞ୍ଚସଖା ନାମରେ ଅଭିହିତ ଅଟନ୍ତି । ସେମାନେ ହେଲେ- ଯମେଶ୍ୱର, ଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ନୀଳକଣ୍ଠ । ଶ୍ରୀଲୋକନାଥ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ଅଟନ୍ତି ।

ଶ୍ରୀକ୍ଷେତ୍ରର ସମସ୍ତ ଶୈବ ପୀଠଗୁଡ଼ିକରେ ଏବଂ ଶ୍ରୀମନ୍ଦିରରେ ଶିବରାତ୍ରି ନୀତି ପାଳିତ ହୋଇଥାଏ । ଏହି ଦିନ ବଲ୍ଲଭ ଭୋଗ ସମାପ୍ତ ହେବା ପରେ ଭଣ୍ଡାର ଲୋକନାଥଙ୍କୁ ନୂତନ ବସ୍ତ୍ରରେ ଅଳଂକୃତ କରି ବେଶ କରାଯାଏ । ଶ୍ରୀଲୋକନାଥ ମନ୍ଦିରର ସେବକ ଆସି ଶ୍ରୀମନ୍ଦିରସ୍ଥ ଭଣ୍ଡାର ଲୋକନାଥଙ୍କୁ 'ହରିହର ଭେଟ' ନୀତି ନିମିତ୍ତ ଶ୍ରୀଲୋକନାଥଙ୍କ ପୀଠକୁ ନିମନ୍ତ୍ରଣ କରିଥାନ୍ତି । ଉକ୍ତ ମନ୍ଦିରର ହରିହର ଭେଟ ନୀତି ଶେଷ ହେବା ପରେ ଭଣ୍ଡାର ଲୋକନାଥଙ୍କ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୁଏ । ଶ୍ରୀମନ୍ଦିର ପରିସରସ୍ଥ ବେଢ଼ା ଲୋକନାଥଙ୍କ ମନ୍ଦିରରେ ଶିବରାତ୍ରି ପର୍ବାଣି ନୀତି ଅନୁଷ୍ଠିତ ହୁଏ । ମୁକ୍ତିମଣ୍ଡପ ସମୀପସ୍ଥ ମୁକ୍ତେଶ୍ୱର ମହାଦେବଙ୍କ ଠାରେ ପର୍ବାଣି ଭୋଗ ପୂଜାପଣ୍ଡାଙ୍କ ଦ୍ୱାରା ହୁଏ । କୋଠରୁ ପ୍ରଦତ୍ତ ଚ଼ଣା ଓ ଖଜା ନୈବେଦ୍ୟ ଅଗ୍ନୀଶ୍ୱର ମହାଦେବଙ୍କ ଠାରେ ପୂଜାପଣ୍ଡା ଭୋଗ ଲଗାଇଥାନ୍ତି । ଏତଦ୍‌ବ୍ୟତୀତ ଶ୍ରୀମନ୍ଦିରସ୍ଥ ସମସ୍ତ ଶିବ ମନ୍ଦିରରେ ସେଦିନ ଶିବରାତ୍ରି ନୀତି ଯଥାବିଧି ପାଳନ କରାଯାଏ ।

*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ-ସମ୍ପାଦକ- ଶ୍ରୀ ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*
*ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ପଦ୍ମବେଶ :

ତା ୨.୨.୨୨ ରିଖ ବୁଧବାର ଶ୍ରୀବିଗ୍ରହମାନଙ୍କର ପଦ୍ମବେଶ ହୋଇଥିଲା । ପ୍ରତିଦିନ ପରି ସମସ୍ତ ନୀତିମାନ ହୋଇ ସଂଧ୍ୟାଧୂପ ସରି ବଡ଼ଛତା ମଠ ଯୋଗାଇଥିବା ବେଶ ଉପକରଣମାନଙ୍କ ଦ୍ୱାରା ପଦ୍ମବେଶ ହୋଇଥିଲା । ରାତ୍ର ବଡ଼ସିଂହାର ଭୋଗରେ କ୍ଷୀରି ଛାମୁରେ ବଢ଼ାଯାଇ ଭୋଗ ସମାପନ ହୋଇ ପହୂଡ଼ ହୋଇଥିଲା । ପରଦିନ ମଙ୍ଗଳ ଆଳତି ବଢ଼ିଲା ପରେ ଏହି ବେଶରେ ଦର୍ଶନାର୍ଥୀମାନେ ଦର୍ଶନ କରିଥିଲେ । ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ ଗତ କିଛି ବର୍ଷ ଧରି ଭକ୍ତ ଶ୍ରୀଯୁକ୍ତ ଚିନ୍ତାମଣି ଦାଶ ମହାପ୍ରଭୁଙ୍କର ପଦ୍ମବେଶରେ ଲାଗି ନିମନ୍ତେ 'ପଦ୍ମଫୁଲ' ଶ୍ରୀମନ୍ଦିରକୁ ପ୍ରଦାନ କରି ଆସୁଅଛନ୍ତି ।





## ଶ୍ରୀମନ୍ଦିରରେ ବସନ୍ତ ପଞ୍ଚମୀ ଓ ରଥକାଠ ଅନୁକୂଳ ପୂଜା :

ତା ୫.୨.୨୨ ରିଖ ଶନିବାର ମାଘ ଶୁକ୍ଳ ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଭାବେ ବସନ୍ତ ପଞ୍ଚମୀ ନୀତି ଅନୁଷ୍ଠିତ ହୋଇଥିଲା । ଏହି ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ମଇଲମ ହୋଇ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରଥଙ୍କ ଦ୍ୱାରା ସର୍ବାଙ୍ଗ ଚନ୍ଦନଲାଗି ହେବା ପରେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣ ଘରକୁ ବିଜେ ହୋଇଥିଲେ । ଭିତର ଚାଟେରୀ ବେଶ ବଢ଼ିଲା ପରେ ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ବନ୍ଦାପନା ପରେ ମୁଦିରସ୍ତ ରାଜନୀତି କରିଥିଲେ । ପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ସିଂହଦ୍ୱାର ଦେଇ ବିମାନ ଜଗନ୍ନାଥବଲ୍ଲଭ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ରୁନ୍ଧା ଖୋଲାଯାଇ ଠାକୁର ଠାକୁରାଣୀ ଜଗତି ଉପରେ ବିଜେ ହେଲା ପରେ ଫଗୁ ଖେଳିଥିଲେ ଏବଂ ଆଲଟ ଚାମର ହୋଇ ବନ୍ଦାପନା ହୋଇଥିଲେ । ପରେ ବେଣ୍ଟ ପୋଖରୀକୁ ବେଣ୍ଟ ବିନ୍ଧିବା ନିମନ୍ତେ ବିଜେ ହେବାରେ ବେଣ୍ଟ ବିନ୍ଧିଥିଲେ । ଏହାପରେ ଦିଅଁମାନେ ବାହୁଡ଼ା ବିଜେ କରିଥିଲେ । ଭିତରେ ସନ୍ଧ୍ୟାଧୂପ ସରିଲା ପରେ ସରସ୍ୱତୀ ମନ୍ଦିର ନିକଟରେ ପାଞ୍ଜି ପୂଜା ହୋଇଥିଲା ଏବଂ ଦେଉଳ କରଣମାନଙ୍କ ଦ୍ୱାରା ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା । ପରମ୍ପରା ଅନୁଯାୟୀ ଏହି ଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ଭାଗରେ ରଥକାଠ ଅନୁକୂଳ ପୂଜା ଅନୁଷ୍ଠିତ ହୋଇଥିଲା ।







## ଶ୍ରୀମନ୍ଦିରରେ ଭୌମୀ ଏକାଦଶୀ :

ତା ୧୨.୨.୨୨ ରିଖ ଶନିବାର ମାଘ ଶୁକ୍ଳ ଏକାଦଶୀ ନିମନ୍ତେ ବିଶେଷ ନୀତିମାନ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ମଙ୍ଗଳ ଆଳତି, ଅବକାଶ, ବେଶବଢ଼ି ଗୋପାଳବଲ୍ଲଭ, ସକାଳଧୂପ ଓ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ପଞ୍ଚାମୃତ ମହାସ୍ନାନ ହୋଇଥିଲା । ପରେ ଘଟୁଆରୀ ଘରୁ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଚନ୍ଦନ ବିଜେ ହୋଇ ସର୍ବାଙ୍ଗ ଚନ୍ଦନ ଲାଗି ହୋଇଥିଲା । ପରେ ମାଳଫୁଲ ଲାଗି ସହିତ ଛଅମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡ଼ି ମଧ୍ୟାହ୍ନ ଧୂପ ଛେକ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଏହାପରେ ୩ ଜଣ ପାଳିଆ ପୂଜାପଣ୍ଡା ଷୋଡ଼ଶୋପଚାରରେ ମଧ୍ୟାହ୍ନ ଧୂପ ସାରିଥିଲେ । ଭୋଗ ସରି ପାଣି ପଡ଼ିଲା ପରେ ବନ୍ଦାପନା ହୋଇ ଅନ୍ୟାନ୍ୟ ନୀତିମାନ ହୋଇଥିଲା ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଗଜ ଉଦ୍ଧାରଣ ବେଶ :

ତା ୧୬.୨.୨୨ ରିଖ ବୁଧବାର ମାଘ ପୂର୍ଣ୍ଣମୀ ଅବସରରେ ମଧ୍ୟାହ୍ନଧୂପ ବଢ଼ି ପାଣି ପଡ଼ିଲା ପରେ ଶ୍ରୀବିଗ୍ରହମାନେ ମୈଲମ ହୋଇଥିଲେ । ଏହାପରେ ପାଳିଆ ମେକାପ ୩ ଗୋଟି ରୂପା ପିଙ୍ଗଣରେ ଚନ୍ଦନ ଭଣ୍ଡାର ଦ୍ୱାର ଠାରୁ ସିଂହାସନ ନିକଟକୁ ନେଇଥିଲେ । ବଡ଼ବାଡ଼ରେ ତଳୁଛ, ମହାପ୍ରଭୁଙ୍କ ବାଡ଼ରେ ଭିତରଛ ଏବଂ ମଝିବାଡ଼ରେ ପାଳିଆ ପୁଷ୍ପାଳକ ସର୍ବାଙ୍ଗ କରିଥିଲେ । ସର୍ବାଙ୍ଗ ବଢ଼ିଲା ପରେ ଭୂଦେବୀ, ଶ୍ରୀଦେବୀ ଦକ୍ଷିଣ ଘର ଠାରେ ପଡ଼ିଥିବା ଖଟଶେଜ ଉପରକୁ ବିଜେ କରିଥିଲେ । ଏହାପରେ ତିନି ବାଡ଼ରେ 'ଗଜ ଉଦ୍ଧାରଣ' ବେଶ ହୋଇ କର୍ପୂର ଲାଗି ହୋଇଥିଲା । କର୍ପୂର ଲାଗି ବଢ଼ିଲାପରେ ଭୂଦେବୀ, ଶ୍ରୀଦେବୀ ବାହୁଡ଼ା ବିଜେ କରି ଶ୍ରୀଅଙ୍ଗରେ ଲାଗିଥିଲେ । ଏହାପରେ ସଂଧ୍ୟାଆଳତି ଓ ସଂଧ୍ୟାଧୂପ ଅନୁଷ୍ଠିତ ହୋଇ ମହାସ୍ନାନ ହୋଇଥିଲା ।



ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।
ଶ୍ରୀମନ୍ଦିର ପ୍ରଶାସନ, ପୁରୀ

पूर्ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୧) ଶ୍ରୀମଦନମୋହନ

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ବଡ଼ଦାଣ୍ଡରେ ସୁସଜ୍ଜିତ ତିନିରଥକୁ ନବଦିନାତ୍ମକ ଯାତ୍ରା ନିମନ୍ତେ ଠାକୁରମାନେ ଧାଡ଼ି ପହଣ୍ଡିରେ ଯାଇଥାନ୍ତି । ପ୍ରଥମେ ଶ୍ରୀସୁଦର୍ଶନ ବିଜେ ହୁଅନ୍ତି । ସେ ସାତପାହାଚ ପାଖରେ ପହଞ୍ଚିଲେ ବଡ଼ଠାକୁରଙ୍କ ରୁନ୍ଧା ଫିଟେ ଓ ପହଣ୍ଡି ହୁଏ । ସେ ସାତପାହାଚ ଦ୍ୱାର ଡେଇଁଲେ ଦେବୀ ସୁଭଦ୍ରାଙ୍କ ରୁନ୍ଧାଫିଟି ପହଣ୍ଡି ହୋଇଥାଏ । ଦେବୀ ସାତପାହାଚ ଦ୍ୱାର ଡେଇଁବା ଉତ୍ତାରେ ଶ୍ରୀଜଗନ୍ନାଥଙ୍କର ରୁନ୍ଧା ଫିଟି ପହଣ୍ଡି ହୋଇଥାଏ । ଏହି ସାତପାହାଚ ନିକଟରେ ପ୍ରତ୍ୟେକଙ୍କର ଟାହିଆ ଲାଗି ହୁଏ ଓ କ୍ରମାନ୍ୱୟରେ ଠାକୁରଠାକୁରାଣୀ ଆନନ୍ଦ ବଜାର ଦେଇ ସ୍ୱ ସ୍ୱ ରଥକୁ ବିଜେ ହୁଅନ୍ତି । ଶ୍ରୀସୁଦର୍ଶନ, ଦେବୀ ସୁଭଦ୍ରାଙ୍କର ଦର୍ପଦଳନ ରଥରେ ବିଜେ କରନ୍ତି । ଠାକୁରମାନେ ରଥକୁ ବିଜେ କଲେ ତିନିଠାକୁରଙ୍କ ଚକାଅପସର ଅଣାଯାଏ ଓ ଚକାଅପସର ଲାଗି ହୋଇ ରୁନ୍ଧା ବଢ଼େ । ତାହାପରେ ଦକ୍ଷିଣ ଘରୁ ଶ୍ରୀମଦନମୋହନ, ରାମ ଓ କୃଷ୍ଣଙ୍କୁ ଅଣାଯାଇ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯିବା ପରେ ପାଲିଙ୍କି ବଡ଼ ଠାକୁରଙ୍କ ରଥ ସମ୍ମୁଖକୁ ଆସେ । ରାମ ଓ କୃଷ୍ଣ ବଡ଼ବାଡ଼ ରଥରେ ବିଜେ କଲାପରେ ପାଲିଙ୍କି ଶ୍ରୀଜଗନ୍ନାଥଙ୍କ ରଥ ନିକଟକୁ ନିଆଯାଏ । ଶ୍ରୀମଦନମୋହନ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ବିଜେ କରନ୍ତି । ପାରମ୍ପରିକ ବିଧି ଅନୁଯାୟୀ ରଥ ଟଣା ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିବାପରେ ଠାକୁରମାନଙ୍କୁ ନିର୍ଦ୍ଧାରିତ ସମୟରେ ପହଣ୍ଡି କରାଯାଇ ସିଂହାସନରେ ବିଜେ କରାଯାଏ । ଠାକୁରମାନଙ୍କ ଗୋଟି ପହଣ୍ଡି ପୂର୍ବରୁ ସର୍ବପ୍ରଥମେ ଶ୍ରୀମଦନମୋହନ, ରାମ ଓ କୃଷ୍ଣଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନିଆଯାଏ । ଠାକୁରମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଥିବା ସମୟରେ ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିଗୁଡ଼ିକରେ ସେଠାରେ ରାହାସ ଅନୁଷ୍ଠିତ ହୋଇଥାଏ । ଏହି ତିନିଦିନ ପ୍ରତ୍ୟହ ସନ୍ଧ୍ୟାଧୂପ ବଢ଼ିଲେ ଶ୍ରୀମଦନମୋହନ ଜଗମୋହନର ସିଂହାସନ ଉପରେ ବିଜେ କରନ୍ତି । ସେଠାରେ ଶର୍କରା କୋରାଦି ଭୋଗ ସର୍ପାମଣୋହି ସରିଲେ ବନ୍ଦାପନା ହୁଏ । ବାହୁଡ଼ା ଯାତ୍ରା ଦିନ ମଙ୍ଗଳାର୍ପଣ ବଢ଼ି ଡୋରଲାଗି ଓ ପୁଷ୍ପାଞ୍ଜଳି ପରେ ବିଜେ କାହାଳୀ ବାଜିଲେ ଧାଡ଼ି ପହଣ୍ଡି ବିଧିରେ ଠାକୁରମାନଙ୍କର ପହଣ୍ଡି ଆରମ୍ଭ ହୋଇଥାଏ । ଠାକୁରମାନେ ରଥରେ ବସି ରୁନ୍ଧା ବଢ଼ିଲେ ଭଣ୍ଡାର ଘରୁ ଶ୍ରୀମଦନମୋହନ, ରାମ ଓ କୃଷ୍ଣ ହାତରେ ବିଜେ ହୋଇ ଆସି ତାଳଧ୍ୱଜ ରଥରେ- ରାମ ଓ କୃଷ୍ଣ, ନନ୍ଦିଘୋଷ ରଥରେ- ଶ୍ରୀମଦନମୋହନ ବିଜେ କରନ୍ତି । ରଥଗୁଡ଼ିକ ଟଣାଯାଇ ସିଂହଦ୍ୱାରରେ ଲାଗିଲେ ବାହୁଡ଼ା ଯାତ୍ରା ପରଦିନ ରଥ ଉପରେ ସୁନାବେଶ, ତା'ପରଦିନ ଠାକୁରମାନେ ନୀଳାଦ୍ରିକୁ ବିଜେ କରିଥାନ୍ତି । ସିଂହଦ୍ୱାର ଠାରେ ରଥ ଉପରେ ସୁନାବେଶ ଓ ଅଧରପଣା ନୀତି ସାରି ତା'ପରଦିନ ଠାକୁରମାନେ ନୀଳାଦ୍ରିକୁ ବିଜେ କରିଥାନ୍ତି । ନୀଳାଦ୍ରି ବିଜେ ଦିନ ତିନି ରଥରେ ଶ୍ରୀବିଗ୍ରହମାନଙ୍କର ସନ୍ଧ୍ୟାଧୂପ ନୀତି ସରିବା ପରେ ପ୍ରତି ରଥରେ ଘରମାଳ ବନ୍ଧା ଯାଇଥାଏ । ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଡୋରଲାଗି ନୀତି ସଂପନ୍ନ ହୁଏ । ସର୍ବପ୍ରଥମେ ମହାଜନ ସେବକମାନେ ଶ୍ରୀମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣିଘରକୁ ବିଜେ କରାଇଥାନ୍ତି । ତାହାପରେ ଗୋଟି ପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ ରତ୍ନ ସିଂହାସନକୁ ନିଆଯାଏ ।




ଉତ୍ସବପ୍ରିୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଯାତ୍ରାମାନଙ୍କ ମଧ୍ୟରେ ଝୁଲଣ ଯାତ୍ରା ଅନ୍ୟତମ । ଏହି ଯାତ୍ରା ଶ୍ରାବଣ ଶୁକ୍ଳ ଦଶମୀଠାରୁ ଭାଦ୍ରବ କୃଷ୍ଣ ପ୍ରତିପଦା ପର୍ଯ୍ୟନ୍ତ ସାତଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଇଥାଏ । ଦ୍ୱାପରଯୁଗରେ ବର୍ଷାକାଳରେ ଗୋପୀମାନେ ଯମୁନାକୂଳର ଲତାକୁଞ୍ଜରେ ରସରାଜ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କୁ ଦୋଳିରେ ବସାଇ ଆନନ୍ଦରେ ଗୀତଗାଇ ଝୁଲାଉଥିଲେ । ସେହି ସ୍ମୃତିରେ ଶ୍ରୀକୃଷ୍ଣାବତାର ଲୀଳାକ୍ରମରେ ବର୍ଷା ସମୟରେ ଶ୍ରାବଣ ମାସର ଅନ୍ତିମଭାଗରେ ଶ୍ରୀମନ୍ଦିରରେ ଚିତ୍ତାକର୍ଷକ ଝୁଲଣ ମହୋତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ । ଅନ୍ୟତ୍ର ଶ୍ରୀରାଧାକୃଷ୍ଣଙ୍କୁ ଦୋଳିରେ ବସାଇ ଝୁଲା ଯାଉଥିବା ବେଳେ ଶ୍ରୀମନ୍ଦିରରେ ଶ୍ରୀମଦନମୋହନଙ୍କ ସହିତ ଶ୍ରୀଦେବୀ ଓ ଭୂଦେବୀ ଦୋଳିରେ ଝୁଲିଥାନ୍ତି । ଝୁଲଣ ଯାତ୍ରାଦିନମାନଙ୍କରେ ଶ୍ରୀମନ୍ଦିରରେ ଠାକୁରମାନଙ୍କର ମଧ୍ୟାହ୍ନ ଧୂପ ସରିଲା ପରେ ଭିତରେ ପାଣି ପଡ଼ି ଧୋପଖାଳ ହୋଇ ତିନି ବାଡ଼ର ମୈଲମ ବଢ଼େ । ଏହାପରେ ତିନିବାଡ଼ରେ ଚନ୍ଦନ ସର୍ବାଙ୍ଗ ଲାଗି ହେଲା ପରେ ଠାକୁରମାନଙ୍କୁ ବେଶ କରାଯାଇଥାଏ । ଏହି ସମୟରେ ମହାଜନ ସେବକମାନେ ସିଂହାସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଦକ୍ଷିଣି ଘରେ ଖଟଶେଯ ମେକାପ ପକାଇଥିବା ଶେଯ ଉପରେ ବିଜେ କରାନ୍ତି । ଏହାପରେ ଦକ୍ଷିଣି ଘରୁ ଶ୍ରୀମଦନମୋହନଙ୍କୁ ଆଣି ଏମାନଙ୍କ ସଙ୍ଗେ ବିଜେ କରାଇବା ପରେ ବେଶ କରାଯାଇଥାଏ । ଦକ୍ଷିଣିଘର ଭୋଗ ବଢ଼ିଲେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀମଦନମୋହନ ମହାଜନ ସେବକମାନଙ୍କ ହସ୍ତରେ ରତ୍ନସିଂହାସନକୁ ବିଜେ କରନ୍ତି । ତିନିବାଡ଼ରେ କର୍ପୂର ଲାଗି ବଢ଼ିଲେ ସନ୍ଧ୍ୟା ଆଳତି ହୋଇଥାଏ । ଏହାପରେ ଜନୈକ ପୂଜାପଣ୍ଡା ସେବକ ମହାପ୍ରଭୁଙ୍କ ଦକ୍ଷିଣ ଭୁଜର ଆଜ୍ଞାମାଳ ଶ୍ରୀମଦନମୋହନଙ୍କୁ ଏବଂ ବାମ ଭୁଜର ଦୁଇ ଆଜ୍ଞାମାଳ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଲାଗି କରିଥାନ୍ତି । ଏହାପରେ ଛାମୁଦିହୁଡ଼ି ସହ ତିନି ଠାକୁର ଓ ଠାକୁରାଣୀ ମହାଜନ ସେବକଙ୍କ ହାତରେ ବିଜେ ହୋଇ ଜଗମୋହନ ଓ ବଟମୂଳ ଦେଇ ଝୁଲଣ ମଣ୍ଡପର ଦୋଳି ଉପରେ ବିଜେ କରନ୍ତି । ଭିତରେ ଚନ୍ଦନଲାଗି ଶେଷ ହେଲାପରେ ଝୁଲଣ କୁଞ୍ଜରେ ମହାଜନମାନେ ଠାକୁର ଠାକୁରାଣୀଙ୍କର ମୈଲମ କରନ୍ତି ଓ ଶ୍ରୀମଦନମୋହନଙ୍କୁ ଦକ୍ଷିଣ ଘରକୁ ଏବଂ ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନ ସିଂହାସନକୁ ବିଜେ କରାଇଥାନ୍ତି । ଏହିପରି ବିଧି ବିଧାନ ଓ ଉତ୍ସବ ସପ୍ତାହବ୍ୟାପୀ ପାଳିତ ହୋଇଥାଏ ।

(କ୍ରମଶଃ)

*ଡଃ. ନରେଶ ଚନ୍ଦ୍ର ଦାଶ*
*ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

# ଶ୍ରୀମନ୍ଦିରର ନିର୍ମାଣ

ମାଦଳାପାଞ୍ଜିର ରାଜଭୋଗ ଇତିହାସରୁ ଜଣାଯାଏ ଯେ ଯବନମାନଙ୍କ ଆକ୍ରମଣ ଯୋଗୁ ସୋନପୁର ଠାରେ ଜଗନ୍ନାଥଙ୍କୁ ପାତାଳି କରାଯାଇଥିଲା ଓ ପ୍ରାୟ ୧୫୦ ବର୍ଷ ତାଙ୍କର ସେବାପୂଜା ବନ୍ଦ ଥିଲା । କେଶରୀ ବଂଶର ପ୍ରଥମ ରାଜା ଯଯାତି କେଶରୀ ଜଗନ୍ନାଥଙ୍କ ମୂର୍ତ୍ତି ଉଦ୍ଧାର କରି ତାଙ୍କୁ ନୂତନ ଭାବରେ ଗଢ଼ାଇଥିଲେ ଓ ଗୋଟିଏ ମନ୍ଦିର ତୋଳାଇ ତାହାଙ୍କୁ ତହିଁରେ ପ୍ରତିଷ୍ଠା କରାଇଥିଲେ । ସେ ବିମଳା ଓ ଲକ୍ଷ୍ମୀଙ୍କ ମନ୍ଦିର ମଧ ନିର୍ମାଣ କରାଇଥିଲେ । ଐତିହାସିକମାନେ ଯଯାତି କେଶରୀଙ୍କୁ ଖ୍ରୀ: ନବମ-ଦଶମ ଶତାବ୍ଦୀର ସୋମବଂଶୀ ରାଜା ଯଯାତି ବୋଲି କହନ୍ତି । ସେହି ସମୟରେ ଆଦି ଶଙ୍କରାଚାର୍ଯ୍ୟ ଏହି କ୍ଷେତ୍ରକୁ ଆସି ଯଯାତିଙ୍କୁ ପ୍ରବର୍ତ୍ତାଇ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ, ମୂର୍ତ୍ତି ପ୍ରତିଷ୍ଠା ଓ ସେବାପୂଜାର ବିଧାନ କରାଇଥିବା ପ୍ରକାଶ କରାଯାଏ ।



ସେହି ମାଦଳାପାଞ୍ଜିରେ ପୁଣି ଉଲ୍ଲେଖ ଅଛି ଯେ ଯଯାତି କେଶରୀଙ୍କ ନିର୍ମିତ ମନ୍ଦିର ଭଗ୍ନ ହୋଇଯିବାରୁ ଗଙ୍ଗବଂଶର ରାଜା ଅନଙ୍ଗଭୀମ ଦେବ ୯୦ହାତ ଉଚ୍ଚର ଶ୍ରୀବତ୍ସ ଖଣ୍ଡଶାଳ ମନ୍ଦିର ନିର୍ମାଣ କରାଇଥିଲେ ଓ ବର୍ତ୍ତମାନର ମନ୍ଦିର ସେହି ମନ୍ଦିର ଅଟେ । କିନ୍ତୁ ଗଙ୍ଗବଂଶର କେତେକ ରାଜାଙ୍କର ତମ୍ବାପଟାରେ 'ଗଙ୍ଗେଶ୍ୱର' ପୂର୍ବରାଜାଙ୍କ ଦ୍ୱାରା ଉପେକ୍ଷିତ ପୁରୁଷୋତ୍ତମଙ୍କ ପ୍ରାସାଦ କରିଥିଲେ ବୋଲି ଗୋଟିଏ ଶ୍ଳୋକରେ ଉଲ୍ଲେଖ ଅଛି । ଏହାକୁ ବ୍ୟାଖ୍ୟା କରି କେତେକ ଐତିହାସିକ ପ୍ରକାଶ କରନ୍ତି ଯେ ଗଙ୍ଗବଂଶର ପ୍ରତିଷ୍ଠାତା ରାଜା ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବ ହିଁ ଏହି ଗଙ୍ଗେଶ୍ୱର ଓ ସେ ବର୍ତ୍ତମାନର ଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ପୁଣି ସେ ଜଗନ୍ନାଥ ମନ୍ଦିର ପାଖରେ ଲକ୍ଷ୍ମୀଙ୍କ ମନ୍ଦିର ମଧ୍ୟ ନିର୍ମାଣ କରାଇବାରୁ ଲକ୍ଷ୍ମୀ ଆସି ନିଜ ସ୍ୱାମୀଙ୍କ ସହିତ ରହିଥିଲେ । ଏହିପରି ଦୁଇ ବିରୋଧୀ ତଥ୍ୟର ସମନ୍ୱୟ କରିବାକୁ ଭିନ୍ନ ଭିନ୍ନ ଐତିହାସିକ ଭିନ୍ନ ଭିନ୍ନ କଥା କହନ୍ତି । କେହି କେହି କହନ୍ତି ପୁରୀର ଜଗନ୍ନାଥ ମନ୍ଦିର ଚୋଡ଼ଗଙ୍ଗଦେବ ତୋଳାଇଥିବା ବେଳେ ତାଙ୍କର ଅଣନାତି ତୃତୀୟ ଅନଙ୍ଗଭୀମ ଦେବ କଟକରେ ଆଉ ଗୋଟିଏ ଜଗନ୍ନାଥ ମନ୍ଦିର ତୋଳାଇଥିଲେ ଓ ମାଦଳାପାଞ୍ଜିର ଲେଖକ ଭୁଲରେ କଟକ ମନ୍ଦିର ସ୍ଥାନରେ ପୁରୀ ମନ୍ଦିରକୁ ଅନଙ୍ଗଭୀମ ତୋଳାଇଥିବାର ଲେଖି ଦେଇଛନ୍ତି । ପୁଣି କେହି କହନ୍ତି, ବର୍ତ୍ତମାନର ପୁରୀ ମନ୍ଦିରକୁ ଚୋଡ଼ଗଙ୍ଗଦେବ ଆରମ୍ଭ କରିଥିଲେ ଓ ତାହାକୁ ତାଙ୍କର ନାତି ୨ୟ ଅନଙ୍ଗଭୀମ ସଂପୂର୍ଣ୍ଣ କରିଥିଲେ । ଆଉ କେହି କହନ୍ତି, ପୂର୍ବରୁ ସୋମବଂଶୀ ରାଜା ଯଯାତି ତୋଳାଇଥିବା ମନ୍ଦିର ସଂପୂର୍ଣ୍ଣ ହୋଇ ନଥିଲା, ପରବର୍ତ୍ତୀ ସୋମବଂଶୀ ରାଜାମାନେ ସେହି କାର୍ଯ୍ୟକୁ ଉପେକ୍ଷା କରିବାରୁ ଚୋଡ଼ଗଙ୍ଗଦେବ ତାହାକୁ ପୂର୍ଣ୍ଣ କଲେ । ମାଦଳାପାଞ୍ଜିର ତଥ୍ୟ ଅନୁସାରେ ଅନଙ୍ଗଭୀମଦେବ (ସେହି ନାମରେ ଜଣେ ମାତ୍ର ରାଜା ଥିଲେ) ଜଗନ୍ନାଥ ମନ୍ଦିର ନିର୍ମାଣ ପରିକଳ୍ପନା ନିଜେ କରିଥିଲେ ଓ ତାଙ୍କରି ସମୟରେ ତାହା ସଂପୂର୍ଣ୍ଣ ହୋଇଥିଲା । ସେ ହିଁ ତହିଁରେ ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କରିଥିଲେ । ସେ ହିଁ ତାଙ୍କର ସବୁ ନୀତି ଉତ୍ସବର ବ୍ୟବସ୍ଥା କରିଥିଲେ, ଅନ୍ନ-ମହାପ୍ରସାଦ ଚଳାଇଥିଲେ ଓ ଛତିଶା ନିଯୋଗ ସୃଷ୍ଟି କରିଥିଲେ । ପୁଣି ସେ ମନ୍ଦିର ପାଖରେ ଓ କ୍ଷେତ୍ର ଭିତରେ ଆହୁରି ସାନ ସାନ ୬୦ଟି ମନ୍ଦିର ତୋଳାଇଥିଲେ । ସେ ଯାହା ହେଉ ବୈଜ୍ଞାନିକମାନଙ୍କ ମତରେ ବର୍ତ୍ତମାନର ମନ୍ଦିର ଖ୍ରୀ: ଏକାଦଶରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ କୌଣସି ସମୟରେ ନିର୍ମିତ ହୋଇଛି । ଗଙ୍ଗବଂଶର ପୂର୍ବୋକ୍ତ ତିନିଜଣ ରାଜାଙ୍କ ରାଜତ୍ୱକାଳ ଏହି ସମୟ ମଧ୍ୟରେ ପଡୁଛି । ଐତିହାସିକମାନେ ନିର୍ଣ୍ଣୟ କରିଥିବା ସେମାନଙ୍କର ରାଜତ୍ୱକାଳ ହେଉଛି, ଚୋଡ଼ଗଙ୍ଗଦେବ ଖ୍ରୀ: ୧୦୭୬-୧୧୪୭, ତାଙ୍କ ଚତୁର୍ଥ ପୁତ୍ର ୨ୟ ଅନଙ୍ଗଭୀମଦେବ- ଖ୍ରୀ: ୧୧୯୦-୧୧୯୮ ଓ ତାଙ୍କ ପୌତ୍ର ୩ୟ ଅନଙ୍ଗଭୀମଦେବ ଖ୍ରୀ: ୧୨୧୧-୧୨୩୮ । ଗଙ୍ଗବଂଶାନୁଚରିତ ଚମ୍ପୂ ନାମକ କାବ୍ୟରେ ଗୋଟିଏ ଶ୍ଳୋକରେ ଉଲ୍ଲେଖ ଅଛି ଯେ ରାଜା ଅନଙ୍ଗଭୀମଦେବ ଶକାବ୍ଦ ୧୧୧୯ ବା ଖ୍ରୀ: ୧୧୯୭ରେ ଏହି ମନ୍ଦିର ନିର୍ମାଣ କରିଥିଲେ । ଏପରି ଏକ ଶ୍ଳୋକ ଶ୍ରୀମନ୍ଦିର ବଡ଼ ଦେଉଳ ଉପରେ ଖୋଦିତ ହୋଇଥିବା କେତେକ ଲୋକ କହନ୍ତି । କିନ୍ତୁ ଏବେ ତାହା ଦେଖାଯାଉ ନାହିଁ ।

ଶ୍ରୀମନ୍ଦିର ନିର୍ମିତ ହେବା ପରଠାରୁ ଏହାର ଚାରି ଦିଗରେ ବିଭିନ୍ନ ପାର୍ଶ୍ୱ ଦେବତାଙ୍କ ପାଇଁ ଅନେକ ମନ୍ଦିର ନିର୍ମାଣ କରାଯାଇଛି । ଏହି ପାର୍ଶ୍ୱ ଦେବତାଙ୍କ ମନ୍ଦିର ମଧ୍ୟରେ କେତେକ ମନ୍ଦିର ଅତି ପୁରାତନ । କଥିତ ହୁଏ ଯେ ପୁରୁଷୋତ୍ତମ ବା ଜଗନ୍ନାଥ ବିଷ୍ଣୁଙ୍କର ରୂପ ହୋଇଥିବାରୁ ସମ୍ରାଟ ଚୋଡ଼ଗଙ୍ଗ ଦେବ ତାଙ୍କର ସ୍ତ୍ରୀ ଲକ୍ଷ୍ମୀ ଦେବୀଙ୍କର ମନ୍ଦିର ମଧ୍ୟ ଜଗନ୍ନାଥଙ୍କ ମନ୍ଦିରର ପାର୍ଶ୍ୱରେ ନିର୍ମାଣ କରାଇଥିଲେ ।

● *(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

## ଜାଣିବା କଥା ... ଅଣାକ୍ଷର

ପ୍ରଶ୍ନ ଓ ଉତ୍ତର :

୧. ପ୍ର - ଶ୍ରୀମନ୍ଦିର ପୂଜାବିଧିରେ 'ଗଣ୍ଡୁଷ ଜଳ'ର ଭୂମିକା କ'ଣ ?
ଉ - ଅବକାଶରେ ଦନ୍ତ ମାର୍ଜନା ନୀତି ପରେ ଗୋକର୍ଣ୍ଣାକୃତି ହସ୍ତରେ ଠାକୁରଙ୍କୁ ବାରଥର ଜଳ ସମର୍ପିତ ହୁଏ ।

୨. ପ୍ର - ଶ୍ରୀମନ୍ଦିର ପୂଜାବିଧିରେ 'ଗନ୍ଧ'ର ଗୁରୁତ୍ୱ କ'ଣ?
ଉ - ସୁଗନ୍ଧ ପଦାର୍ଥର ଯେଉଁ ସତ୍ତା ବା ଗୁଣ ଆଘ୍ରାଣ କରାଯାଏ ।

୩. ପ୍ର - ଶ୍ରୀମନ୍ଦିର ସେବା ପୂଜାରେ 'ଗନ୍ଧଣ ମେକାପ'ଙ୍କ ଭୂମିକା କ'ଣ ?
ଉ - ଶ୍ରୀମନ୍ଦିରରେ ରୋଷ ପାଇଁ ମସଲା ପ୍ରସ୍ତୁତ କରିବା ଓ ସର ଘରୁ ପଣା ଭୋଗ ଆଣି ଠାକୁରଙ୍କୁ ଯୋଗାଉଥିବା ସେବକ । ଏହି ସେବକ ଗୋଦାମ ଘରୁ ରୋଷକୁ ଜିନିଷ ବୋହି ନେବା କାର୍ଯ୍ୟ ମଧ କରନ୍ତି ।

୪. ପ୍ର - ଶ୍ରୀମନ୍ଦିର ପୂଜା ବିଧିରେ 'ଗର୍ଭଉଦକ ବନ୍ଦାପନା' କହିଲେ କ'ଣ ବୁଝାଯାଏ ?
ଉ - ଭାଦ୍ରବ କୃଷ୍ଣପକ୍ଷ ସପ୍ତମୀ । ଏହି ଦିନ ସନ୍ଧ୍ୟା ଆଳତି ବେଶରେ ତିନି ଠାକୁର ଠାକୁରାଣୀ ତଡ଼ାଉ ଛଅ ମୂର୍ତ୍ତି ସୁନା ଅଳଙ୍କାର ଲାଗି ହୁଅନ୍ତି । ଅଣସର ପିଣ୍ଡି ଠାରେ ଯେଉଡ଼ ଭୋଗ ଶାଗ, ତରକାରୀ, ପିଠା, ଝିଲି, ଓରିଆ, କ୍ଷିରୀ ଇତ୍ୟାଦି ରୋଷରୁ ଆଣି ଛାମୁରେ ରଖାଯାଏ । ମୁଦିରସ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରାନ୍ତି । ତିନିଜଣ ପୂଜାପଣ୍ଡା ପଞ୍ଚୋପଚାରରେ ପୂଜା କରନ୍ତି । ପଣ୍ଡା, ପତି ଓ ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରନ୍ତି । ମହାପ୍ରଭୁଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୁଏ । ଏହାକୁ 'ଗର୍ଭ ଉଦକ ବନ୍ଦାପନା' କୁହାଯାଏ । ଏହାପରେ ଅନ୍ୟାନ୍ୟ ଦୈନନ୍ଦିନ ନୀତି ହୁଏ ।

୫. ପ୍ର - ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ 'ଗଭାମାଳ' କହିଲେ କ'ଣ ବୁଝାଯାଏ ?
ଉ - ଶ୍ରୀବିଗ୍ରହଙ୍କ ମସ୍ତକ ନିମିତ୍ତ ସୁବାସିତ ପୁଷ୍ପ ଘେରା ସହିତ ସଂଯୁକ୍ତ ପେନ୍ଥାଏ ତୁଳସୀ ।

୬. ପ୍ର - ଶ୍ରୀମନ୍ଦିର ସେବକମାନଙ୍କ ମଧ୍ୟରେ 'ଗରୁଡ଼ ସେବକ'ଙ୍କ ଭୂମିକା କ'ଣ ?
ଉ - ଶ୍ରୀମନ୍ଦିରରେ ପ୍ରତ୍ୟେକ ଦିନ ଅବକାଶ ପରେ ଏହି ସବେକ ବିମଳାଙ୍କ କୂଅରୁ ଗରାରେ ପାଣି ଆଣି ଗରୁଡଙ୍କୁ ଚୁଆ ଚନ୍ଦନ ଲଗାଇ ସ୍ନାନ ପରେ ବସ୍ତ୍ର ପିନ୍ଧାଇ ବେଶ କରିଥାଆନ୍ତି । ସକାଳଧୂପରେ ଖେଚେଡ଼ି 'ସର୍ପାମଣୋହୀ' କରାଇ ମଧ୍ୟାହ୍ନ ଧୂପରେ ଦୁଇଟି ସାନ ଆରିଷା ମଣୋହୀ କରାନ୍ତି । ଏହାକୁ ମଧ ଚୂନରା ସେବକ କୁହାଯାଏ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା ...*


## ଇଷ୍ଟ ଇଣ୍ଡିଆ କମ୍ପାନୀ ଅମଳରେ ରଥଯାତ୍ରା ଏବଂ ମନ୍ଦିର ସମ୍ପର୍କିତ ସଂବାଦ

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ କାଳରେ ପୁରୀ ରଥଯାତ୍ରାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

### (୧୭) ୧୮୫୫ ମସିହା ପୁରୀ ରଥଯାତ୍ରା

ପୁରୀ ମାଜିଷ୍ଟ୍ରେଟଙ୍କ ଠାରୁ କମିଶନରଙ୍କୁ ପଠା ଯାଇଥିବା ବିବରଣୀ, ଜୁଲାଇ, ୧୮୫୫ ।

ଯେତେବେଳେ ବଡ଼ ଦାଣ୍ଡ ଉପରେ ରଥଗୁଡ଼ିକ ଟଣା ଯାଉଥିଲା, ସେତେବେଳେ ଭୀଡ଼ ଭିତରେ ଠେଲି ହୋଇ ପ୍ରାୟ ପଚଶ ଜଣ ଲୋକ ପଡ଼ି ଯାଇଥିଲେ ଏବଂ ସେମାନେ ଉଠିବା ପୂର୍ବରୁ ବା ସେମାନଙ୍କୁ କେହି ଉଦ୍ଧାର କରିବା ପୂର୍ବରୁ ସେମାନଙ୍କ ମଧ୍ୟରୁ ପାଞ୍ଚଜଣଙ୍କ ଉପରେ ରଥ ମାଡ଼ି ଯାଇଥିଲା । ଏଥିରେ ତିନିଜଣ ମୃତ୍ୟୁବରଣ କରିଥିଲେ ଏବଂ ଦୁଇଜଣ ଭୀଷଣ ଭାବରେ ଆହତ ହୋଇଥିଲେ । ଏହିପରି ଦୁର୍ଘଟଣାରୁ ଲୋକମାନଙ୍କୁ ରକ୍ଷା କରିବା ନିମନ୍ତେ ଜଣେ ଦାରୋଗାଙ୍କ ଅଧୀନରେ ଏକ ପୋଲିସ ବାହିନୀ ଓ ରଜାଙ୍କ ତରଫରୁ ଅନେକ ମାନ୍ୟଗଣ୍ୟ ଲୋକମାନେ ରଥ ଚରିପଟେ ଘେରି ରହିଥିଲେ । କିନ୍ତୁ ଲୋକଙ୍କ ଭୀଡ଼ ଏତେ ଅଧିକ ଥିଲା ଯେ, ଭାଗ୍ୟହୀନ ଜନତାଙ୍କ ଉପରକୁ ରଥ ମାଡ଼ି ଆସିବା ପୂର୍ବରୁ ସେମାନେ ରଥକୁ ରୋକି ପାରି ନଥିଲେ । ପୋଲିସମାନଙ୍କ ତରଫରୁ କୌଣସି ପ୍ରକାର ଚେଷ୍ଟାର ତ୍ରୁଟି ନଥିଲା ବୋଲି ମୋର ବିଶ୍ୱାସ ।



ବହୁତ ଲୋକ ଏକାଠି ରଥ ଟାଣିବା ପାଇଁ ଆଗେଇ ଯାଇଥିଲେ ଏବଂ ଭୀଡ଼ ଭିତରେ ବିଚଳିତ ହୋଇ ପଡ଼ି ଯାଇଥିଲେ ଏବଂ ସେମାନଙ୍କ ପଛରେ ଥିବା ଲୋକମାନେ ମଧ୍ୟ ତାଙ୍କ ସାମ୍ନା ଲୋକଙ୍କ ଉପରେ ପଡ଼ିଗଲେ । ଯେ ସମୟରେ ପ୍ରାୟ ୭,୫୦୦ ରୁ ୩,୦୦୦ ଲୋକ ରଥ ଟାଣୁଥିଲେ । ତେଣୁ ତତ୍‌କ୍ଷଣାତ୍ ରଥକୁ ରୋକିବା ସମ୍ଭବପର ନ ଥିଲା । ରଥ ସେମାନଙ୍କ ଉପରେ ମାଡ଼ିଯିବାରୁ ସେମାନଙ୍କର ମୃତ୍ୟୁ ଅନିବାର୍ଯ୍ୟ ହୋଇ ପଡ଼ିଥିଲା ।

କର୍ତ୍ତବ୍ୟପାଳନ ନିମନ୍ତେ ଆମର ପୋଲିସବଳ ପ୍ରୟୋଜନ ସଂଖ୍ୟକ ନଥିଲା । ଦୁଇ ଲକ୍ଷ ଧର୍ମାନ୍ଧ ଜନତା ଯାହାର ଏକ ତୃତୀୟାଂଶ ଦୂରାଗତ, ଏତେ ଲୋକଙ୍କୁ ସମ୍ଭାଳିବା ପାଇଁ ମୁଷ୍ଟିମେୟ ୧୫୦ଜଣ ବଙ୍ଗାଳି କିମ୍ବା ଓଡ଼ିଆ ପୋଲିସ ପ୍ରାୟ କ୍ଷମତାହୀନ ହୋଇ ପଡ଼ିଥିଲେ ।

(ଅନୁବାଦିତ)

*ଐତିହ୍ୟ ପୃଷ୍ଠାରୁ ...*

## ସଂସାର ସାଗରରେ : ପତିତଜନର ଆଶ୍ରୟ ମହାପ୍ରଭୁ

ମହାପ୍ରଭୁ ପତିତମାନଙ୍କୁ ପାବନ କରୁଥିବାରୁ ଶ୍ରୀପତିତପାବନ । ପତିତପାବନ ଶବ୍ଦର ପ୍ରଥମ ରହସ୍ୟମୟ ବାର୍ତ୍ତା ଦେଇଥିଲେ ଆଲ୍‌ବାର ଉପାସନା ଧାରାର ତୃତୀୟଯୋଗୀ ଶ୍ରୀମହଦ୍ ଯୋଗୀ । ସେ ତାମିଲ ପ୍ରଦେଶରୁ ବାହାରି ଭାରତର ୨୨ ଦିବ୍ୟକ୍ଷେତ୍ର ପରିକ୍ରମା କରିବା ପରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଆସିଥିଲେ । ସେ ହିଁ ଶିଷ୍ୟମାନଙ୍କ ଆଗରେ କ୍ଷେତ୍ର ମହିମା ବର୍ଣ୍ଣନା କଲାବେଳେ 'ନୀଳାଦ୍ରି' ଶବ୍ଦ ବ୍ୟବହାର କରିଥିଲେ । ନୀଳାଦ୍ରିର 'ପତିତପାବନ' ଉପାସନା ତାଙ୍କୁ ମୁଗ୍ଧ କରିଥିଲା । ସେ ଘୋଷଣା କରିଥିଲେ ଶ୍ରୀପୁରୁଷୋତ୍ତମ ହେଉଛନ୍ତି ପତିତମାନଙ୍କର ପ୍ରଭୁ । ଶ୍ରୀମାନ୍ ପତିତପାବନ । ସେ ତାର ଯାହା ଅର୍ଥ କରିଥିଲେ ସଭିଏଁ ଆମେ ଜାଣିବା ଜରୁରୀ । ଜାତି ଅର୍ଥରେ 'ପତିତ' ଶବ୍ଦକୁ ସେ ଗ୍ରହଣ କରି ନଥିଲେ । ତାଙ୍କ ଭାଷାରେ ଯିଏ ମାନସିକ ପ୍ରକ୍ରିୟାରେ ପତିତ, ସାଧନା ପ୍ରକ୍ରିୟାରେ ପତିତ, ଚିନ୍ତା ଓ ଚେତନାରେ ରୁଗ୍‌ଣ, ଭାବନାରେ ଅନଗ୍ରସର ତଥା ସିଦ୍ଧାନ୍ତ ନେବାରେ ଦୁର୍ବଳ ସେ ହିଁ ପତିତ । ସେତିକିରେ ସେ ଅଟକିଲେ ନାହିଁ,



କହିଲେ- ମାନବିକ ମୂଲ୍ୟବୋଧରେ ଯିଏ ପତିତ ସେମାନେ ମହାପ୍ରଭୁଙ୍କ ଉପାସନାରେ ଉପରକୁ ଉପରକୁ ଉଠିପାରିବେ । ପତିତ ମାନସିକତାରୁ ଊର୍ଦ୍ଧ୍ୱ ଅଭିମୁଖୀ ମାନସିକତାକୁ ନେଇଯିବାର ଚେତନା ହିଁ ପତିତପାବନ ଚେତନା ।

ଏହି ସମୀକରଣ ଆଲବାରମାନଙ୍କ ଗ୍ରନ୍ଥରେ ସ୍ଥାନ ପାଇଥିଲା । ଶ୍ରୀଜଗନ୍ନାଥଙ୍କ ଉପାସନାର ଏଇ ଉଦାର ଭାବଧାରା ଭାରତୀୟ ବୈଷ୍ଣବ ସାହିତ୍ୟକୁ ଶ୍ରେଷ୍ଠ ଅବଦାନ । ଏହି ଉଦାର ଭାବଧାରାର ଉଦାହରଣ ସଂସ୍କୃତ ସ୍କନ୍ଦ ପୁରାଣରେ ଦେଖିବାକୁ ମିଳେ ।

କୁରୁକ୍ଷେତ୍ରର ଦୁଇବନ୍ଧୁ । ଜଣେ ବ୍ରାହ୍ମଣ, ଜଣେ କ୍ଷତ୍ରୀୟ । ଦୁହିଁଙ୍କ ନାଁ ହେଲା ପୁଣ୍ଡରୀକ ଓ ଅମ୍ବରୀଷ । ଦୁହେଁ ସଦାଚରହୀନ, ମୋହଗ୍ରସ୍ତ, ମଦ୍ୟପ ଆଉ ବେଶ୍ୟାସକ୍ତ । ବୁଲି ବୁଲି ଯାଇ ଥରେ ଏକ ଯଜ୍ଞ ସ୍ଥାନରେ ପହଞ୍ଚିଲେ । ସେଇଠି ମାନସିକ ପରିବର୍ତ୍ତନ ହେଲା । ଆଚାର୍ଯ୍ୟଙ୍କୁ ପଚରିଲେ ଆମ୍ଭେ ଘୋର ବିପଥଗାମୀ । ଯେଥିରୁ ମୁକୁଳିବାର ଉପାୟ ? ଆଚାର୍ଯ୍ୟ କହିଲେ- ବତ୍ସ ! ତୁମେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଗମନ କର । ପୁଣ୍ୟଭୂମି ଉତ୍କଳରେ (ଓଡ଼ିଶା) ଥିବା ଏହି କ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେ କରିଛନ୍ତି । ମହୋଦଧିରେ ସ୍ନାନ କରି ଶ୍ରୀଜଗନ୍ନାଥଙ୍କ ଶରଣାଗତ ହେବ । ସେ ହିଁ ମୁକ୍ତି ଦାତା । ବିପଥରୁ ସତ୍‌ପଥକୁ ସେ ହିଁ ଫେରାଇପାରିବେ । ସେୟା କଲେ ସେମାନେ । କ୍ଷେତ୍ରରେ ରହି ସତ୍‌ପଥକୁ ଫେରି ଆସିବା ପରେ ପୁଣ୍ଡରୀକଙ୍କ ତୁଣ୍ଡରୁ ସ୍ଫୁରଣ ହୋଇଥିଲା- ତ୍ୱମେ କ ଶରଣଂ ନାଥ ପତିତାନାଂ ଭବାର୍ଣ୍ଣବେ । (ସଂସାର ସାଗରରେ ପତିତ ବ୍ୟକ୍ତିମାନଙ୍କର ଆପଣ ହିଁ ଏକମାତ୍ର ଆଶ୍ରୟ) ।

*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଐତିହ୍ୟ ବିଶାରଦ (ଦୋଳମଣ୍ଡପ ସାହି), ପୁରୀ-୧*

## ତା. ୧୯.୨.୨୨ରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀଯୁକ୍ତ ରାମନାଥ କୋବିନ୍ଦ ଶ୍ରୀମନ୍ଦିର ଆସିଥିବା ସମୟର କେତେକ ଚିତ୍ର..













# ଫଟୋରେ ଖବର...



ତା. ୩୧.୧.୨୨ରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ସେବକ ଓ କର୍ମଚାରୀମାନଙ୍କ ନିମନ୍ତେ ନିଃଶୁଳ୍କ ଚକ୍ଷୁ ଓ ମଧୁମେହ ଚିକିତ୍ସା ଶିବିର ଅନୁଷ୍ଠିତ ।



ତା. ୨.୨.୨୨ରେ ଚଳିତ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୬୩ ଖଣ୍ଡ କାଠ ନୟାଗଡ଼ ବନଖଣ୍ଡରୁ ତିନୋଟି ଟ୍ରକ ଯୋଗେ ରଥ ଖଳା ଠାରେ ପହଞ୍ଚିଛି ।



ତା. ୫.୨.୨୨ରେ ବସନ୍ତ ପଞ୍ଚମୀ ତିଥିରେ ଶ୍ରୀଜଗନ୍ନାଥବଲ୍ଲଭକୁ 'ବେଣ୍ଟ ନୀତି' ପାଇଁ ଭୂଦେବୀ ଓ ଶ୍ରୀଦେବୀଙ୍କ ସହିତ ଶ୍ରୀଦୋଳଗୋବିନ୍ଦଙ୍କ ବିମାନରେ ଯାତ୍ରା ।



ତା. ୫.୨.୨୨ରେ ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱରର ଜନୈକ ଭକ୍ତ ଏକ ହଳ ସୁନା ପେଣ୍ଡି ଏବଂ ଗୋଟିଏ ସୁନା ହାର ଦାନ କରିଛନ୍ତି ।



ତା. ୧୪.୨.୨୨ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀଯୁକ୍ତ ରାମନାଥ କୋବିନ୍ଦଙ୍କ ଦର୍ଶନ ବ୍ୟବସ୍ଥା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ 'ନୀତି ସବ୍-କମିଟି ଓ ଛତିଶା ନିଯୋଗ ଯୁଗ୍ମ' ବୈଠକ ।



ତା. ୨୦.୨.୨୨ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ସିଂହଦ୍ୱାର ଠାରେ ପତିତପାବନଙ୍କ ଦର୍ଶନ ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ଏବଂ ଓ.ଏସ୍.ଡି. ଶ୍ରୀଯୁକ୍ତ ଶୁଭ୍ରାଂଶୁ ଶେଖର ପାଢ଼ୀ ଶ୍ରୀମନ୍ଦିର ପ୍ରଶାସନ ତରଫରୁ 'ମହାପ୍ରଭୁଙ୍କ ପଟ୍ଟଚିତ୍ର' ଉପହାର ସ୍ୱରୂପ ପ୍ରଦାନ କରୁଛନ୍ତି ।

# ସାକ୍ଷୀ ଦେବା ପାଇଁ ଶ୍ରୀମନ୍ଦିରରେ ବିଜେ ହୋଇଛନ୍ତି

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରୀମନ୍ଦିର ହେଉଛି ମର୍ତ୍ତ୍ୟବୈକୁଣ୍ଠ । ଜୀବନକାଳ ମଧ୍ୟରେ ଶ୍ରୀକ୍ଷେତ୍ରକୁ ଆସି ମହାପ୍ରଭୁଙ୍କୁ ଥରଟିଏ ମନପୂରାଇ ଦର୍ଶନ କରିଦେଲେ ଭକ୍ତଜନଙ୍କୁ ବୈକୁଣ୍ଠରେ ସ୍ଥାନ ମିଳିଥାଏ ବୋଲି ଲୋକଙ୍କ ବିଶ୍ୱାସ । ଭକ୍ତଟିଏ ସିଂହଦ୍ୱାର ଦେଇ ବାଇଶି ପାହାଚ ଉପରକୁ ଉଠି ବଡ଼ଦେଉଳର ଚାରିପାର୍ଶ୍ୱରେ ଥିବା ଦେବଦେବୀମାନଙ୍କୁ ଦର୍ଶନ ସାରି ରତ୍ନସିଂହାସନରେ ବିଜେ ହୋଇଥିବା ଦାରୁବ୍ରହ୍ମଙ୍କୁ ମନଭରି ଦର୍ଶନ କରେ । ଆନନ୍ଦବଜାରରୁ ଶ୍ରୀମହାପ୍ରସାଦ ଆଣିବାକୁ ଗଲାବେଳେ ସାକ୍ଷୀଗୋପୀନାଥଙ୍କ ପାଦପଦ୍ମ ତଳେ ଭୂମିଷ୍ଠ ପ୍ରଣାମ କରି ନିବେଦନ କରେ, 'ମହାପ୍ରଭୁ ମୋର ଦାରୁବ୍ରହ୍ମଙ୍କ ଦର୍ଶନର ସାକ୍ଷୀ ରହିଲ ତୁମେ । ଅନ୍ତକାଳରେ ମୋତେ ଯମଦଣ୍ଡରୁ ରକ୍ଷା କରିବ ହେ ଗୋପୀନାଥ ! ଶ୍ରୀମନ୍ଦିର ବେଢ଼ା ଭିତର ପଶ୍ଚିମ ପାଖକୁ କାଞ୍ଚିଗଣେଶଙ୍କ ମନ୍ଦିରକୁ ଲାଗି ରହିଛି ସାକ୍ଷୀ ଗୋପୀନାଥଙ୍କ ମନ୍ଦିର । ଦଣ୍ଡାୟମାନ ଅବସ୍ଥାରେ ଦର୍ଶନ ଦେଉଥିବା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଚାହିଁ ଦେଲେ ଆଖିର ପଲକ ପଡ଼େ ନାହିଁ । କାର୍ତ୍ତିକ ମାସ ଅଁଳା ନବମୀ ତିଥିରେ ରାଧାରାଣୀଙ୍କର ପାଦ ଦର୍ଶନ ଉତ୍ସବ ପାଳିତ ହୁଏ । ଏଥିପାଇଁ ଭକ୍ତମାନେ ସତୃଷ୍ଣ ନୟନରେ ଅପେକ୍ଷା କରି ରହିଥାଆନ୍ତି । ସାକ୍ଷୀ ଗୋପୀନାଥଙ୍କର ପ୍ରଥମ ପୂଜା ପାଇବାର ସ୍ଥାନ ହେଉଛି ବୃନ୍ଦାବନ । ଥରେ ଦାକ୍ଷିଣାତ୍ୟର କୃଷ୍ଣାବେଣୀ ନଦୀ ଆଖପାଖ ଅଞ୍ଚଳର ଦୁଇ ଜଣ ତୀର୍ଥ କରିବାକୁ ବୃନ୍ଦାବନ ଯାଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବୟସ୍କ ଏବଂ ଅନ୍ୟଜଣେ ଯୁବକ । ହଠାତ୍ ବୟସ୍କ ବ୍ୟକ୍ତି ଜଣକ ଅସୁସ୍ଥ ହୋଇ ପଡ଼ିଲେ । ମନପ୍ରାଣ ଭରି ସେବାକଲେ ଯୁବକ ଜଣକ । ସୁସ୍ଥ ହୋଇ ବୟସ୍କ କହିଲେ ମୁଁ ଶ୍ରୀଗୋପୀନାଥଙ୍କ ସମ୍ମୁଖରେ ପ୍ରତିଜ୍ଞା କରି କହୁଛି, ନିଜ ରାଜ୍ୟରେ ପହଞ୍ଚି ତୁମକୁ କନ୍ୟାଦାନ କରିବି । ଦୁହେଁ ଫେରିଗଲେ । କନ୍ୟାଦାନ କରିବାର ନାଁ ଧରିଲେନି ବୟସ୍କ ବ୍ୟକ୍ତି ଜଣକ । ଏକଥା କାଞ୍ଚି ରାଜ୍ୟର ରାଜାଙ୍କୁ ଯୁବକ ଜଣକ ଜଣାଇଲେ । ରାଜା କହିଲେ ତୁମର ସାକ୍ଷୀ କିଏ ? ତାଙ୍କ ମୁହଁରୁ ନ ଶୁଣିବାଯାଏ ମୁଁ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିବି ନାହିଁ । ନିରାଶ ଯୁବକ ସିଧା ଚାଲିଲେ ବୃନ୍ଦାବନ । ଶ୍ରୀଗୋପୀନାଥ ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ । ପ୍ରାର୍ଥନା କଲେ ତାଙ୍କ ସହିତ କାଞ୍ଚିରାଜ୍ୟକୁ ଯିବାପାଇଁ । ସ୍ୱପ୍ନାଦେଶ ଦେଇ ମହାପ୍ରଭୁ କହିଲେ ତୁମେ ଆଗେ ଆଗେ ଚାଲିବ । ମୁଁ ତୁମ ପଛେ ପଛେ ଯିବି । ତୁମେ କେବେହେଲେ ପଛକୁ ଚାହିଁବ ନାହିଁ । ଚାହିଁ ଦେଲେ ମୁଁ ପାଷାଣ ପ୍ରତିମା ସାଜି ସେହିଠାରେ ରହିଯିବି । ଏ ସର୍ତ୍ତରେ ଯୁବକ ରାଜି ହେଲେ । ଦୀର୍ଘ ପଥ ଅତିକ୍ରମ କରିବା ପରେ କୃଷ୍ଣାବେଣୀର ବାଲିରେ ଦୁହେଁ ଚାଲିଛନ୍ତି । ମହାପ୍ରଭୁଙ୍କର ପଦମଂଜିର ଧ୍ୱନି ଶୁଣାଯାଉଛି । ହଠାତ୍ ବାଲିବନ୍ତ ଉପରେ ଚାଲିବାବେଳେ ଘୁଙ୍ଗୁର ଧ୍ୱନି ଅସ୍ପଷ୍ଟ ହୋଇଗଲା । ମହାପ୍ରଭୁ ବାଟରେ ଅଟକି ଗଲେ ବୋଲି ଭାବି ଯୁବକ ପଛକୁ ଚାହିଁଦେଲେ । ନବନୀରଦକାନ୍ତି ମହାପ୍ରଭୁ ସେହିଠାରେ ପଥର ପିତୁଳା ପାଲଟି ଗଲେ । ଯୁବକ କୋହ ଓ ଲୁହ ସହ କାଞ୍ଚି ରାଜାକୁ ସମସ୍ତ ଘଟଣା ଜଣାଇଲେ । ରାଜା ନଦୀକୂଳକୁ ଆସି ପ୍ରତ୍ୟକ୍ଷ ଭାବେ ସମସ୍ତ ଘଟଣା ଅନୁଧ୍ୟାନ କଲେ । କନ୍ୟା ପିତାଙ୍କୁ କନ୍ୟାଦାନ କରିବା ପାଇଁ ଆଦେଶ ଦେଲେ । ବୃନ୍ଦାବନ ତ୍ୟାଗ କରି ଭକ୍ତର ଭଗବାନ କାଞ୍ଚି ଆସିଛନ୍ତି, ଏକଥା ଜାଣି ରାଜା ମହାପ୍ରଭୁଙ୍କୁ ପ୍ରାର୍ଥନା କରି ଆପଣା ରାଜ୍ୟକୁ ନେଇଗଲେ । ସେଠାରେ ତାଙ୍କର ପୂଜା ଉପାସନା ଯଥାବିଧି ଚାଲିଲା । ଉତ୍କଳର ଗଜପତି କାଞ୍ଚି ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲାବେଳେ ତାଙ୍କ ସହିତ ଶ୍ରୀବଳଭଦ୍ର ଏବଂ ଶ୍ରୀଜଗନ୍ନାଥ ସୈନିକ ସାଜି ଯାଇଥିଲେ ଏବଂ କାଞ୍ଚି ରାଜ୍ୟ ଉତ୍କଳର କରଦ ରାଜ୍ୟ ହୋଇ ରହିଲା । ସେତିକିବେଳେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିର୍ଦ୍ଦେଶରେ କାଞ୍ଚିରୁ ଭଣ୍ଡଗଣେଶ, ସାକ୍ଷୀଗୋପୀନାଥ ଏବଂ ମା' ତାରିଣୀଙ୍କୁ ସସମ୍ମାନେ ଉତ୍କଳକୁ ଅଣାଯାଇ ପ୍ରତିଷ୍ଠା କରାଗଲା । ମା' ତାରିଣୀ ରହିଲେ ଘଟ ଗାଁରେ ଭଣ୍ଡଗଣେଶ ଏବଂ ଶ୍ରୀଗୋପୀନାଥ ରହିଲେ ଶ୍ରୀମନ୍ଦିର ବେଢ଼ା ଭିତରେ ।



*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*

*● ମଂଗଳାଘାଟ ରୋଡ଼, ପୁରୀ-୧*

## ମାର୍ଚ୍ଚ ମାସର ବିଶିଷ୍ଟ ଦିବସ

| | | |
|---|---|---|
| ତା. ୧.୩.୨୨ ରିଖ | ମଙ୍ଗଳବାର | ମହା ଶିବରାତ୍ରୀ |
| ତା. ୧୩.୩.୨୨ ରିଖ | ରବିବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଚାଚେରୀ ବେଶ, ଦୋଳଯାତ୍ରା ଆରମ୍ଭ |
| ତା. ୧୪.୩.୨୨ ରିଖ | ସୋମବାର | ଶ୍ରୀମନ୍ଦିରରେ ପାପନାଶିନୀ ଏକାଦଶୀ |
| ତା. ୧୭.୩.୨୨ ରିଖ | ଗୁରୁବାର | ଶ୍ରୀମନ୍ଦିରରେ ରାଜାଗ୍ନ୍ୟୁତ୍ସବ ବା ମେଣ୍ଢା ପୋଡ଼ି |
| ତା. ୧୮.୩.୨୨ ରିଖ | ଶୁକ୍ରବାର | ଶ୍ରୀମନ୍ଦିରରେ ଦୋଳ ପୂର୍ଣ୍ଣିମା ଓ ରାଜା ବେଶ |
| ତା. ୧୯.୩.୨୨ ରିଖ | ଶନିବାର | ଶ୍ରୀମନ୍ଦିରରେ ହୋଲି |
| ତା. ୨୮.୩.୨୨ ରିଖ | ସୋମବାର | ଶ୍ରୀମନ୍ଦିରରେ ପାପମୋଚନୀ ଏକାଦଶୀ |

*ସୌଜନ୍ୟ-* OMC ODISHA NEW OPPORTUNITIES

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : jagannath.or@nic.in * Web Site : www.shreejagannatha.in**
**Printed at : Rama Press, North Gate, Puri**
ମୂଲ୍ୟ : ଦୁଇଟଙ୍କା ମାତ୍ର